# Akashvani, Sambalpur

# SAMBALPURI NEWS MORNING BULLETIN

# 24 May 2026 - 6.47- 6.52 am.

---

ଭି.ବି.ଜି ରାମ୍‌ଜୀ          ପି.ଆଇ.ବି.

ଭାରତ୍ ସର୍‌କାର୍‌ଙ୍କର୍ ଗ୍ରାମୀଣ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ଭି.ବି.ଜି ରାମ୍‌ଜୀ ଆଇନ୍ -୨୦୨୫ ର ତୟାରି ଆଉ ଇତାର୍ କାର୍ଯ୍ୟକାରିତାକେ ନେଇକରି ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ଗ୍ରାମୀଣ ବିକାଶ୍ ବିଭାଗ୍‌ର ସଚିବ ରୋହିତ୍ କାନ୍‌ସଲ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ମନ୍ତ୍ରଣାଳୟର୍ ବରିଷ୍ଠ ଅଧିକାରୀ ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିନିଧିମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ମହାତ୍ମାଗାନ୍ଧୀ ଏନ୍.ଆର୍.ଇ.ଜି.ଏସ୍. ନୁ ଭି.ବି.ଜି ରାମ୍‌ଜୀ ଆଇନ୍ ଅଧୀନ୍‌ଥି ସଂଶୋଧିତ୍ ଢାଂଚାକେ ଭଲ୍‌ଭାବେ ବଦ୍‌ଲାବାର୍ ଲାଗି ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ କରାଯାଉଥିବା ପ୍ରସ୍ତୁତିମୂଳକ କାମ୍‌କାଜ୍ ସ୍ଥିତିର ସମୀକ୍ଷା କରାଯାଇଛେ । ଆଏବା ଜୁଲାଇ ୧ ତାରିଖ୍‌ନୁ

ଭି.ବି.ଜି ରାମ୍‌ଜୀ ଆଇନ୍ କାର୍ଯ୍ୟାନ୍ୱୟନ୍ ଲାଗି ଦର୍‌କାରୀ ଆର୍ଥିକ୍ ଆବଂଟନ୍ ସୁନିଶ୍ଚିତ୍ କର୍‌ବାର୍‌କେ ଗ୍ରାମୀଣ୍ ବିକାଶ୍ ବିଭାଗ୍‌ର ସଚିବ ସମ୍‌କୁ ପରାମର୍ଶ ଦେଇଛନ୍ ।

ପୁଲିସ୍ ସେବା ଅଧିକାରୀ ଅଦଲ୍‌ବଦଲ୍    ଆଇ ଆଣ୍ଡ ପି.ଆର୍

ରାଜ୍ୟ ସର୍‌କାର୍ ୧୮ ଝନ୍ ଭାରତୀୟ ପୁଲିସ୍ ସେବା ଆଉ ଓଡ଼ିଶା ପୁଲିସ୍ ସେବା ଅଧିକାରୀସ୍ତର୍‌ଥି ଅଦଲ୍‌ବଦଲ୍ କରିଛନ୍ । ରାଜ୍ୟପାଲ୍‌ଙ୍କର୍ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ କୁଲ୍‌ଦୀପ୍ ମୀନାଙ୍କୁ ବୌଦ୍ଧ ଏସ୍.ପି., ଏସ୍‌ଟିଏଫ୍ ଭୁବ୍‌ନେଶ୍ୱର୍ ଏସ୍.ପି. ରବୀନ୍ଦ୍ର ନାଥ ଶତ୍‌ପଥୀଙ୍କୁ ବର୍‌ଗଡ୍ ଏସ୍.ପି., ଭୁବନେଶ୍ୱର୍ ସ୍ପେଶାଲ୍ ବ୍ରାଂଚ୍ ଏସ୍.ପି. କିଶୋର୍ ଚନ୍ଦ୍ର ମୁଣ୍ଡଙ୍କୁ ଦେବ୍‌ଗଡ୍ ଏସ୍.ପି. ଭାବେ ନୂଆଁ ନିଯୁକ୍ତି ମିଳିଛେ ।

ବିଏସ୍‌ଏନ୍‌ଏଲ୍ -ବୈଠକ୍        ଆଇ ଆଣ୍ଡ ପି.ଆର୍

ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ବିଏସ୍‌ଏନ୍‌ଏଲ୍‌ର ଗୁଟେ ଉଚ୍ଚସ୍ତରୀୟ

ବୈଠକ୍‌ଥି ଅଧ୍ୟକ୍ଷତାଥି କରିକରି 'ଭାରତ୍ ନେଟ୍ ପରିଯୋଜନା' ୩ ନମ୍ବର୍ ଖେପ୍‌ର ଅଗ୍ରଗତି ଆଉ ଆଏବା କାର୍ଯ୍ୟପନ୍ଥା ବାବ୍‌ଦେ ସମୀକ୍ଷା କରିଛନ୍ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଡିଜିଟାଲ୍ ଇଣ୍ଡିଆ ପ୍ରକଳ୍ପ ଆଉ ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱଥି ଗ୍ରାମୀଣ ଓଡ଼ିଶାକେ ଡିଜିଟାଲ୍ ସଶକ୍ତ କର୍‌ବାର୍ ଲାଗି ସର୍‌କାର୍ ପ୍ରତିବଦ୍ଧ ବଲି ମନ୍ତ୍ରୀ କହିଛନ୍ । ହାଇସ୍ପିଡ୍ ଇଂଟର୍‌ନେଟ୍ ଜରିଏ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ଣ୍ଣେନ୍ସ ଆଉ ଡିଜିଟାଲ୍ ଅର୍ଥନୀତିକେ ତଲ୍‌ସ୍ତର୍‌ନୁ ମଜ୍‌ବୁତ୍ କରାଯିବା । ଇ ପ୍ରକଳ୍ପ ଲାଗି କେନ୍ଦ୍ର ସର୍‌କାର୍ ଓଡ଼ିଶା ନ ପାଖାପାଖି ୪ ହଜାର୍ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ଆଉ ଆଏବା ୩ ବଛ୍‌ରେ ଇଟା ଶେଷ୍ କରାଯିବା ବଲି ବୈଠକ୍‌ଥି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ସୂଚ୍‌ନା ଦେଇଛନ୍ ।

ହାଇକୋର୍ଟ- ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ଖରାଛୁଟି ଆଏବା କାଏଲ୍‌ଠାନୁ ମୁଲ୍ ହେଇକରି ଜୁନ୍ ୨୧ ତାରିଖ୍‌ତକ୍ ରହେବା । ଇ ସମିଆ ଭିତ୍‌ରେ ୮ ଦିନ୍ ଅବକାଶ୍ କାଳୀନ୍ ଅଦାଲତ୍ ବସ୍‌ବା । ଜୁନ୍ ୨୨ ତାରିଖ୍‌ନୁ ଅଦାଲତ୍ ନିଜର୍ କାର୍ଯ୍ୟସୂଚୀ ହିସାବେ କାମ୍ କର୍‌ବା ।

ଅବକାଶ୍‌କାଳୀନ ଅଦାଲତ୍ ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ଚାଲ୍‌ବା ବଲି ହାଇକୋର୍ଟ ରେଜିଷ୍ଟ୍ରି ତର୍‌ଫୁ ସୂଚ୍‌ନା ଦିଆୟାଇଛେ ।

ଅତିଥି ଅଧ୍ୟାପକ ନିଯୁକ୍ତି ହି.ସ.

ରାଜ୍ୟର୍ ଉଚ୍ଚ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ମୁଲ୍ କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ନିର୍ଦ୍ଦେଶ୍ ଦେଇଛନ । ଆଏବା ଜୁଲାଇ ୧ ତାରିଖ୍‌ନୁ ଅତିଥି ଅଧ୍ୟାପକ ମାନ୍‌କୁ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ନିୟୋଜିତ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାୟାଇଛେ । ବିଏଡ୍, ଏମ୍‌ଏଡ୍ ପାଠ୍ୟକ୍ରମ୍ ଲାଗି ଅଧ୍ୟାପକ୍‌ମାନ୍‌କର୍ ନୂଆଁ ପେନେଲ୍ ଗଠନ୍ କରାୟିବା । ଆଏବା ୩୦ ତାରିଖ୍ ଇ ବାବ୍‌ଦେ ବିଜ୍ଞାପନ୍ ବାହାର୍‌ବା । ଆଏବା ମାସ ୯ ତାରିଖ୍ ଇଥିର୍‌ଲାଗି ଅନ୍‌ଲାଇନ୍ ପ୍ରକ୍ରିୟା ଭିଲ୍ ମୁଲ୍ ହେବା । ୨୩ ତାରିଖ୍‌ତକ୍ ମେଧା ତାଲିକା ବାହାର୍‌ବାର୍ ସହେତେ ୨୫ ତାରିଖ୍‌ତକ୍ ବଛା ହେଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତି ପତ୍ର ଦିଆୟିବା ବଲି ବିଭାଗ୍ ତର୍‌ଫୁ କୁହାୟାଇଛେ ।

ବିଏଡ୍ -ପ୍ରବେଶିକା        ଆଇ ଆଣ୍ଡ୍ ପି.ଆର୍

୨ ବର୍ଷିଆ ବିଏଡ୍ ପାଠ୍ୟକ୍ରମ୍ ଲାଗି ଆଏବା ୩୧ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ହେବା । ଜୁନ୍ ୩ ତାରିଖ୍ ବିଏଚ୍ଏଡ୍ ହିନ୍ଦୀ, ଆଉ ଏମ୍.ଏଡ୍ ପାଠ୍ୟକ୍ରମ୍ ଲାଗି ପ୍ରବେଶିକା ପରୀକ୍ଷା ହେବା । ଇଥିର୍‌ଲାଗି ରାଜ୍ୟ ଚୟନ ବୋର୍ଡ୍ - ଏସ୍ଏସ୍ବି ତର୍ଫୁ ବିଜ୍ଞପ୍ତି ବାହାରିଛେ । ୩୧ ତାରିଖ୍ ସଖାଲର୍ ୧୦ ନୁ ୧୨ ବଜେତକ୍ ବିଏଡ୍ ପରୀକ୍ଷା ହେବାର୍‌କେ ଥିବାର୍ ବେଲେ ଜୁନ୍ ୩ ତାରିଖ୍ ୧୦ ନୁ ୧୨ ବଜେତକ୍ ବିଏଚ୍ଏଡ୍ ହିନ୍ଦୀ ପରୀକ୍ଷା ଆଉ ଉପର୍‌ବେଲା ୩ ନୁ ୫ ବଜେ୍ତକ୍ ଏମ୍ଏଡ୍ ପରୀକ୍ଷା ହେବା । ଆଏବା ୨୭ ତାରିଖ୍ ଦିନର୍ ୧ ବଜେନୁ ଛାତ୍ରଛାତ୍ରୀମାନେ ଏସ୍ଏସ୍ବି ର ୱେବ୍‌ସାଇଟ୍‌ନୁ ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ବୋର୍ଡ୍ ତର୍ଫୁ କୁହାଯାଇଛେ ।

ରତ୍ନଭଣ୍ଡାର୍ ଗନ୍ତି        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗନ୍ତି କାମ୍‌କେ ଆଏଜ୍‌ଠାନୁ ସ୍ଥଗିତ୍ ରଖାଯାଇଛେ । ରାଏଜେ ଜବର୍ ଖରା, ଭକ୍ତମାନ୍‌କର୍ ଭିଡ୍ ଆଉ ମାହାପୁରୁମାନ୍‌କର୍ ନୀତିକାନ୍ତିକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ।  ଗନ୍ତି ବନ୍ଦ୍ ହେବାର୍‌ନୁ ଆଏଜ୍‌ଠାନୁ ଭକ୍ତମାନେ ଭିତର କାଠ ପାଶୁ ମାହାପୁରୁମାନ୍‌କୁ ଦର୍ଶନ୍ କରିପାର୍‌ବେ । ଛତିଶା ନିଯୋଗ୍ ଆଉ ପରିଚାଳନା କମିଟିର୍ ବୈଠକ୍ ଉତ୍‌ରୁ ଜୁନ୍ ମାସେ ସ୍ନାନପୂର୍ଣ୍ଣିମା ଆଘୋନୁ ଆଏବା ଗନ୍ତି ତାରିଖ୍ ବାବ୍‌ଦେ ନିଷ୍ପତି ନିଆଯିବା । ଗଲାକାଏଲ୍  ପାଖାପାଖି ୩ ଘଂଟା ୫୮ ମିନିଟ୍ ଧରିକରି ରତ୍ନଭଣ୍ଡାର୍‌ର ଗନ୍ତି କାମ୍ ଚାଲିଥିଲା ।

ସିଜୋଫ୍ରେନିଆ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାନସିକ ରୋଗୀମାନ୍‌କୁ ସ୍ନେହ, କରୁଣା, ଦୟା ଦେଖାବାର୍ ସହେତେ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍‌ଥି ଫି ବଛର୍ ମେ ୨୪ ତାରିଖ୍‌କେ ବିଶ୍ୱ ସିଜୋଫ୍ରେନିଆ ଦିବସ ଭାବେ

ପାଲନ୍ କରାଯାଉଛେ । ସିଜୋଫ୍ରେନିଆ ହେଉଛେ ଗୁଟେ ମାନସିକ୍ ସମସ୍ୟା । ଇଟା ମୁନ୍ଷର୍ ଭାବନା, ଆବେଗ, ବେଭାର୍ ଆର୍ କାର୍ଯ୍ୟଦକ୍ଷତାକେ ବିଶେଷ୍ ଭାବେ ପ୍ରଭାବିତ୍ କରିଥିସି । ମସ୍ତିଷ୍କଥି ଖାସ୍ କରି ଡୋପାମିନ୍ ରାସାୟନିକ ତତ୍ୱର ମାତ୍ରା ବଢ଼୍ଲେ ଇ ବେମାର୍ ହେଇଥିସି ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଆଉ ତାର୍ ପାଖର୍ ଇଲାକା ନ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇଟାର୍ ପ୍ରଭାବ୍ଥି ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ଆଏବା ହପ୍ତେ ଭିତ୍ରେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଥିବା ପାଣିପାଗ୍ ବିଭାଗ୍ ତର୍ଫୁ ଆକଲନ୍ କରାଯାଇଛେ । ଇ ସମିଆ ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଧୁକାଗର୍ଜି ସହେତେ କମ୍ ନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ ।
ସେଆଡ଼େ ରାଏଜେ ଆଏବା ଗୁରୁବାର୍ତକ୍ ଜବର୍ ଗରମ୍ ଆଉ ଗୁଲଗୁଳି ହେବା ବଲି  ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା

ଭିତ୍ରେ ତାତିକେ ନେଇକରି ସମ୍ବଲ୍‌ପୁର୍, ବଲାଙ୍ଗିର୍, ଝାର୍‌ସୁଗୁଡ଼ା
କେ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।